## ସଂକ୍ଷେପରେ

### ପୁଣି ଧରାହେଲା ୩ ଲକ୍ଷର ବ୍ରାଉନ୍‌ସୁଗାର



**ଢେଙ୍କାନାଳ ଅଫିସ, ୧୬।୮:** ଢେଙ୍କାନାଳ ସହରରୁ ପୁଣି ଧରାପଡ଼ିଛି ବ୍ରାଉନ୍‌ସୁଗାର। ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥର ବଳଦିଆବନ୍ଧ ଛକରେ ମଙ୍ଗଳବାର ମଧ୍ୟାହ୍ନରେ ଧଳାଜହର କାରବାର ପାଇଁ ଯୋଜନା କରାଯାଉଥିବାବେଳେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଅତର୍କିତ ଚଢ଼ାଉ କରିଥିଲା। ଏହି ଘଟଣାରେ ବଳଦିଆବନ୍ଧ ଗ୍ରାମର ବିଷ୍ଣୁ ଚରଣ ସାହୁଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୩୦ ଗ୍ରାମ ପାଉଡର ଜବତ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ବିଷ୍ଣୁ ବ୍ରାଉନ ସୁଗାର ଧରି ୫୫ନଂ. ଜାତୀୟ ରାଜପଥରେ ଛିଡ଼ା ହୋଇଥିବା ସୂଚନା ପାଇ ଚଢ଼ାଉ କରାଯାଇଥିଲା ବୋଲି ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ବସ୍-ଟ୍ରେଲର ମୁହାଁମୁହିଁ, ୩ ଗୁରୁତର

**ଢେଙ୍କାନାଳ ଅଫିସ୍, ୧୬।୮:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ କଣ୍ଟେଇକୋଳିଆ ନିକଟ ୫୫ନଂ. ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ବସ୍ ସହ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ବସ୍ ରାସ୍ତା ପାର୍ଶ୍ୱକୁ ଖସିପଡ଼ିଛି। ଏଥିରେ ଡ୍ରାଇଭର ଏବଂ ୨ ଯାତ୍ରୀ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୪୦ ଯାତ୍ରୀ ସୁରକ୍ଷିତ ଅଛନ୍ତି। ବସ୍‌ଟି ପାଲଲହଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କଟକରୁ ଅନୁଗୋଳ ଆଡ଼କୁ ଆସୁଥିବା ଉକ୍ତ ଟ୍ରେଲର ସହ ଧକ୍କା ହୋଇଥିଲା। ତେବେ ବସ୍‌ଟି ରଙ୍ଗ୍ ରୁଟ୍‌ରେ ଯାଉଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ପରେ ବସ୍‌ର ଜରୁରିକାଳୀନ ପ୍ରସ୍ଥାନ ଝରକା ଦେଇ ସୁରକ୍ଷିତ ଭାବେ ବାହାରି ଆସିଥିଲେ। ପୋଲିସ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରିଥିଲା।

### ପୂର୍ବତନ କିରାଣିଙ୍କ ବିୟୋଗ



**ଢେଙ୍କାନାଳ ଅଫିସ,୧୬।୮:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ମୁଖ୍ୟ କିରାଣି ଅଭିରାମ ପୃଷ୍ଟି (୭୬)ଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ କଲେଜର କର୍ମଚାରୀ, ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ରଞ୍ଜିତ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ।

# 'ଏକତା ବଜାୟ ରଖି ବିକାଶରେ ସାମିଲ ହୁଅ'

**ଢେଙ୍କାନାଳ ଅଫିସ, ୧୬।୮**

ଜାତି-ଜାତି, ଧର୍ମ-ଧର୍ମ ମଧ୍ୟରେ ବିଦ୍ୱେଷ ବିକାଶରେ ଅନ୍ତରାୟ ସାଜୁଛି। ସାମ୍ପ୍ରଦାୟିକ ସଦ୍‌ଭାବ ଓ ଏକତା ବଜାୟ ରଖିଲେ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି କହିଛନ୍ତି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଢେଙ୍କାନାଳ ଷ୍ଟାଡିୟମ ପରିସରରେ ସୋମବାର ଆୟୋଜିତ ୭୬ତମ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଏପରି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅନୁପ୍ରାଣିତ ହୋଇ ଦେଶମାତୃକାର ସେବାରେ ବଳିଦାନ ଦେଇଥିବା ଢେଙ୍କାନାଳ ଜିଲାର ସଂଗ୍ରାମୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

କରୋନା କଟକଣା ପାଇଁ ଚଳିତ ବର୍ଷ ପରେଡରେ କେବଳ ପୋଲିସ ବାହିନୀ, ଓଏସ୍‌ଏପି ପ୍ରଥମ ବାଟାଲିୟନ ଏବଂ ପୋଲିସ ବ୍ୟାଣ୍ଡ ଦଳ ସାମିଲ ହୋଇଥିଲେ। ସୁଲକ୍ଷଣାଦେବୀ ବାଳିକା ହାଇସ୍କୁଲ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଦେଶାତ୍ମବୋଧକ ସାଂସ୍କୃତିକକାର୍ଯ୍ୟକ୍ରମପରିବେଷଣକରିଥିଲେ। ମୁଖ୍ୟ ଅତିଥି ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ସମସାମୟିକ ବନ୍ଧୁ ୯୩ ବର୍ଷୀୟ କାହ୍ନୁଚରଣ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାର ମାଟ୍ରିକ୍ ଟପ୍ପର ଓମ୍ ପ୍ରକାଶ ସାହୁ, ସର୍ବକନିଷ୍ଠ ଭାବେ ଜାତୀୟ ସଙ୍ଗୀତ ଗାନ କରି ରେକର୍ଡ ହାସଲ କରିଥିବା ସାଇସମ୍ପନ୍ନ ପୃଷ୍ଟି, କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନ୍ୟ ଅନନ୍ୟା ମିଶ୍ର, ଦିବ୍ୟାଙ୍ଗ କ୍ରିକେଟ୍ ଖେଳାଳି ସିପୁ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲକୁ ସମ୍ମାନିତ କରାଯାଇଥିଲା। ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଉଲ୍ଲେଖନୀୟ ସେବା ପାଇଁ ପୌରପାଳିକା କର୍ମଚାରୀ ପାର୍ବତୀ ସାହୁ, କନିଷ୍ଠ ଯନ୍ତ୍ରୀ ଅଭିଷେକ ବ୍ରହ୍ମ, ୟୁଏମ୍‌ସି ପବିତ୍ର ପ୍ରଧାନ, ସ୍ୱଚ୍ଛସାଥୀ କଲ୍ୟାଣ ଆଚାର୍ଯ୍ୟ, ସ୍ୱଚ୍ଛକର୍ମୀ ମାମି ବେହେରା ପୁରସ୍କୃତ ହୋଇଥିଲେ। ଜିଲା ଚିକିତ୍ସାଳୟରେ ରୋଗୀଙ୍କୁ ଫଳ, କାରାଗାର ଓ ଦୃଷ୍ଟିହୀନ ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସକାଳେ ସହରସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବନ ବିଭାଗ ପକ୍ଷରୁ ଚାରା ରୋପଣ, ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି.,ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଉପସ୍ଥିତ ଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କୃଷି ମନ୍ତ୍ରୀ ଶହୀଦ ବାଜି ରାଉତଙ୍କ ସମସାମୟିକ ବନ୍ଧୁ କାହ୍ନୁଚରଣ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ହିନ୍ଦୋଳ, ୧୬।୮(ଡି.ଏନ୍.ଏ.)**

ହିନ୍ଦୋଳ ଥାନା ବାଉଁଶପୋଖରୀ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ (ନଂ ଓଡ଼ି ୧୯-୯୫୪୧) ଓ ପିକ୍‌ଅପ୍ (ନଂ. ଓଡ଼ି ୧୯ ଏଲ୍ ୬୯୩୮) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତରଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ପରିଚୟ ମିଳିନାହିଁ। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

### ୩୯ ଅଭିଯୋଗର ସମାଧାନ

**ଢେଙ୍କାନାଳ ଅଫିସ,୧୬।୮**

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରହଣ କରାଯାଇଥିବା ୪୭ ଅଭିଯୋଗ ମଧ୍ୟରୁ ୩୯ଟିର ସମାଧାନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ଏସ୍‌ଡିପିଓ ବିକାଶ ବେଉରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପାଣିରେ ବୁଡ଼ି ଜୀବନ ଗଲା

**କାମାକ୍ଷାନଗର, ୧୬।୮(ଡି.ଏନ୍.ଏ.)**

ମାଛ ଧରିବାକୁ ଯାଇଥିବାବେଳେ ନାଳରେ ବୁଡ଼ିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଘଟଣା ଘଟିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ଭଗୀରଥପୁର ଝରାସାହିରେ। ମୃତକ ହେଲେ ତ୍ରିନାଥ ନାୟକ (୫୩)। ତ୍ରିନାଥ ରବିବାର ଘରପାଖ ନାଳକୁ ମାଛ ଧରିବାକୁ ଯାଇଥିବାବେଳେ ପ୍ରଖର ସୁଅରେ ବୁଡ଼ି ଯାଇଥିଲେ। ସାଥୀରେ ଥିବା ସହଯୋଗୀ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ମେଡିକାଲକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କାମାକ୍ଷାନଗର ଥାନାରେ ନଂ. ୨୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏସ୍‌ଆଇ ସ୍ୱର୍ଣ୍ଣପ୍ରଭା ସାହୁ ଏହାର ତଦନ୍ତ କରୁଛନ୍ତି।



ଜିଲାପାଳଙ୍କୁ ଜାତୀୟ ପତାକା ପ୍ରଦାନ କରାଯାଉଛି।



ମିନି ଷ୍ଟାଡିୟମରେ ସ୍ଥାପିତ ବିଶାଳ ତ୍ରିରଙ୍ଗା।

# ୧୦୦ ଫୁଟରେ ଉଡ଼ିଲା ତ୍ରିରଙ୍ଗା

**ଢେଙ୍କାନାଳ ଅଫିସ, ୧୬।୮**

ସ୍ୱାଧୀନତା ଦିବସ ଉପଲକ୍ଷେ ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ୧୦୦ ଫୁଟ ଉଚ୍ଚତାରେ ଉଡ଼ିଛି ବିଶାଳକାୟ ତ୍ରିରଙ୍ଗା ପତାକା। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆନୁଷ୍ଠାନିକ ଭାବେ ଏହାର ଉତ୍ତୋଳନ କରିଥିଲେ। ଏଥିରେ ଲାଗିଥିବା ପତାକାର ଲମ୍ବ ୩୦ ଫୁଟ ଏବଂ ଚଉଡ଼ା ୨୦ ଫୁଟ। ଢେଙ୍କାନାଳ ପୌରସଂସ୍ଥା ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଉକ୍ତ ବିଶାଳକାୟ ଖମ୍ୱରେ ସ୍ଥାୟୀ ତ୍ରିରଙ୍ଗା ପତାକା ଲଗାଯାଇଛି।

ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ପୌରଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ସମେତ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଏଥିନିମନ୍ତେ ବିଧାୟକଙ୍କ ପକ୍ଷରୁ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ କୁଅଁର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ସମେତ ସମସ୍ତ କାଉନ୍‌ସିଲର ଏକ ଜାତୀୟ ପତାକା ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।




# ଟାଟାଷ୍ଟିଲ୍‌ରେ ସ୍ୱାଧୀନତା ଦିବସ



କାର୍ଯ୍ୟକ୍ରମରେ ଅତିଥି ଅଭିଭାଷଣ ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୧୬।୮**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳି ପକ୍ଷରୁ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କମ୍ପାନୀର ସେୟାର୍ଡ ସର୍ଭିସେସ୍ ବିଭାଗ ମୁଖ୍ୟ ବେଦପ୍ରକାଶ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁରକ୍ଷା ବିଭାଗ ମୁଖ୍ୟ ଅଭିଷେକ ଶର୍ମାଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ, ସୁରକ୍ଷା କର୍ମୀ, ଅଗ୍ନିଶମ ବିଭାଗ ଟିମ୍ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁରକ୍ଷା ଓ ଅଗ୍ନିଶମ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆବାସିକ କଲୋନୀ ମୁଖ୍ୟ ଫାଟକ, କାରଖାନାର ପ୍ରମୁଖ ସ୍ଥାନରେ ଜାତୀୟ ପତାକା ପ୍ରଦର୍ଶନ କରାଯାଇଥିଲା। ଆବାସିକ କଲୋନୀରେ କିସିଣ୍ଡା କ୍ଲବ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ୱାକାଥନ୍, ଚାରାରୋପଣ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### 'ସଂଗ୍ରାମୀଙ୍କ ବଳିଦାନକୁ ବୁଝ'

**କାମାକ୍ଷାନଗର, ୧୬।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସାରଙ୍ଗଧର ଷ୍ଟାଡିୟମରେ ଆୟୋଜିତ ପରେଡରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଯୋଗଦେଇ ପତାକା ଉତ୍ତୋଳନ କରି ସଂଗ୍ରାମୀଙ୍କ ବଳିଦାନର ମହତ୍ତ୍ୱକୁ ବୁଝିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏଥିପୂର୍ବରୁ ରାମଧୁନ ଏବଂ ମହାତ୍ମା ଗାନ୍ଧୀ, ଗଡ଼ଜାତ ଗାନ୍ଧୀ ସଂଗ୍ରାମୀ ସାରଙ୍ଗଧର, ଗୋପବନ୍ଧୁ, ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷ, ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟ ଏବଂ ଜେଲର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ବିଡିଓ ବିକାଶ କୁମାର ମହାନ୍ତି, ବିତ୍ତ ଅଧିକାରୀ ଧୀରେନ ନାୟକ, ଥାନାଧିକାରୀ ଶରତ ଚନ୍ଦ୍ର ମହାଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# କୃତୀ ପ୍ରତିଯୋଗୀ ପୁରସ୍କୃତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଢେଙ୍କାନାଳ ଅଫିସ, ୧୬।୮**

ଜାତୀୟ କାଉନ୍‌ସିଲ ଅଫ୍ ସାଇନ୍ସ ମ୍ୟୁଜିୟମ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସୋମବାର ଅପରାହ୍ନରେ ପୁରସ୍କୃତ କରାଯାଇଛି। ନିର୍ଦ୍ଧାରିତ ବିଷୟଗୁଡ଼ିକ ଚିଟ୍‌ରେ ଉଲ୍ଲେଖ ଥିବାବେଳେ ପ୍ରତିଯୋଗୀମାନେ ସେଥିରୁ ଗୋଟିଏ ଉଠାଇ ତଦନୁଯାୟୀ ବକ୍ତୃତା, ରଙ୍ଗୋଲି କିମ୍ବା କବିତା ଆବୃତ୍ତି କରିଥିଲେ। ଏଥିରେ ସ୍କୁଲ, କଲେଜର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ସମ୍ମାନିତ ଅତିଥି ବିଜ୍ଞାନ କେନ୍ଦ୍ର ଅଧିକାରୀ ଏମ୍.ଏମ୍. ରାଉତ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଜ୍ଞାନ କେନ୍ଦ୍ରରେ ୧୩ରୁ ୧୫ ତାରିଖ ଯାଏ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଏବଂ ତ୍ରିରଙ୍ଗା ସେଲ୍‌ଫି ପଏଣ୍ଟର ଆୟୋଜନ କରାଯାଇଥିଲା।







# ଅହିଂସା ପ୍ରଗତିର ଭିତ୍ତି

**ଢେଙ୍କାନାଳ ଅଫିସ, ୧୬।୮:** ସ୍ୱାଧୀନତାର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଜନଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ମଙ୍ଗଳବାର ରାଜ୍ୟରେ ଗଡ଼ିଛି ଅହିଂସା ରଥ। ଢେଙ୍କାନାଳ ଏବଂ ପୁରୀ ଜିଲାରୁ ଏହାର ଶୁଭାରମ୍ଭ କରାଯାଇଛି। ଜିଲା କାର୍ଯ୍ୟାଳୟରେ ୨ଟି ଅହିଂସା ରଥକୁ ଜିଲାପାଳ ସରୋଜ କୁମାର ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦାରିଦ୍ର୍ୟତା ଏବଂ ସାମାଜିକ ଅବିଚାର ସବୁଠାରୁ ବଡ଼ ହିଂସା। ଦାରିଦ୍ର୍ୟ ଥିବା ଯାଏ ସ୍ୱାଧୀନତାର ଅର୍ଥ ମୂଲ୍ୟହୀନ। ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ। ଅହିଂସା ସ୍ୱାଧୀନତାର ମୂଳମନ୍ତ୍ର ଓ ପ୍ରଗତିର ଭିତ୍ତି ବୋଲି ଜିଲାପାଳ କହିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆସିଥିବା ଏହି ୨ ରଥ ୧୫ଦିନ ଲେଖାଏ ଜିଲାର ବିଭିନ୍ନ ସ୍ଥାନ ବୁଲିବ। ଗୋଟିଏ ରଥ ଢେଙ୍କାନାଳ ସଦର ଉପଖଣ୍ଡର ଗଁଦିଆ, ଓଡ଼ାପଡ଼ା, ସଦର ବ୍ଲକ ଏବଂ ହିନ୍ଦୋଳ ଉପଖଣ୍ଡର ହିନ୍ଦୋଳ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ଅନ୍ୟଟି କାମାକ୍ଷାନଗର ଉପଖଣ୍ଡର କାମାକ୍ଷାନଗର, ପରଜଙ୍ଗ, କଙ୍କଡ଼ାହାଡ଼ ଏବଂ ଭୁବନ ବ୍ଲକର ବିଭିନ୍ନ ସ୍ଥାନ ବୁଲିବ।

କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ନୋଡାଲ ଅଫିସର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଦତ୍ତ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା, ରାଜ୍ୟ କଳାସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳରେ ରଥକୁ ଲଉଡ଼ିବାଡ଼ି ଖେଳ ମଧ୍ୟରେ ସ୍ୱାଗତ କରାଯାଇଥିଲା।



ଜିଲାପାଳ ପତାକା ଦେଖାଇ ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରୁଛନ୍ତି।




ଅନୁଗୋଳ ବ୍ଲକ ଟିକରପଡା ପର୍ଯ୍ୟଟନ ସ୍ଥାନ ବନ୍ୟା ଜଳରେ ବୁଡି ଯାଇଛି।


ପ୍ରଶାସନିକ ଅଧିକାରୀମାନେ ଟିକରପଡ଼ା ବନ୍ୟା ଅଞ୍ଚଳକୁ ଯାଉଛନ୍ତି।


ବନ୍ୟା ପୀଡ଼ିତଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ବିଶ୍ୱବିନ୍ଧାଣିଙ୍କ ଦର୍ଶନ ପାଇବେ ଶ୍ରଦ୍ଧାଳୁ

ବଅଁରପାଳ, ୧୬।୮ (ଡି.ଏନ.ଏ.): ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଳନ ପାଇଁ ମଙ୍ଗଳବାର ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜାକୁ କିଭଳି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ୨୩ ମଣ୍ଡପରୁ କମ୍ ମଣ୍ଡପରେ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଶ୍ରଦ୍ଧାଳୁମାନେ ଏଥର ପୂଜା ବୁଲିପାରିବେ। ତେବେ ଦୋଳି ଓ ମିନାବଜାର ପଡିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସ୍ମେଲଟର ମହାପ୍ରବନ୍ଧକ ଏସ୍.ଏମ୍. ଅଲ୍ଲୀ, ସିପିପି ମହାପ୍ରବନ୍ଧକ ସୁଧୀର ପଟ୍ଟନାୟକ, ଡିଜିଏମ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ, ଶ୍ରମିକ ନେତା ନିର୍ମଳ ସାମଲ ମନୋଜ ସ୍ୱାଇଁ ଆର୍.କେ. ସାହୁ, ବୈରାଗୀ ସେଠ, ମୁନା ସାମଲ, ବିନୋଦ ସାମଲ, ଆର୍ତ୍ତ ସାମଲ, ପ୍ରଶାନ୍ତ ବେହେରା, ନଳିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପାଣି ମଡ଼ାଇବାକୁ ନେଇ ଗଣ୍ଡଗୋଳ

ହିନ୍ଦୋଳ, ୧୬।୮ (ଡି.ଏନ୍.ଏ.): ଜମିରେ ପାଣି ମଡ଼ାଇବାକୁ ନେଇ ହିନ୍ଦୋଳ ଥାନା ଆମ୍ବିଠି ଗ୍ରାମରେ ଗଣ୍ଡଗୋଳ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଦୁଆରୀ ଦେହୁରୀଙ୍କ ଜମିକୁ ପାଣି ମାଡୁନାହିଁ। ଗ୍ରାମର ନରୋତ୍ତମ ଦେହୁରୀ ହୁଡ଼ା ବାନ୍ଧି ଦେଇ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଦୁଆରି ଅଭିଯୋଗ କରିଛନ୍ତି। ଏ ନେଇ ଅପରାହ୍ନରେ ଦୁହେଁ ମୁହାଁମୁହିଁ ହୋଇଥିଲେ। ଉତ୍ତ୍ୟକ୍ତ ନରୋତ୍ତମ ଘରୁ ଏକ ଟାଙ୍ଗିଆ ଆଣି ଦୁଆରିଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହାପରେ ନରୋତ୍ତମଙ୍କ ମା' ସଉରି, ଭଉଣୀ ନର୍ମଦା ତାଙ୍କୁ ଘେରିଯାଇ ମାର୍‌ପିଟ୍ କରିଥିଲେ। ଏ ନେଇ ଦୁଆରି ହିନ୍ଦୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କୁ ନିସ୍ତୁକ ପିଟିଲେ ହୋମଗାର୍ଡ

ହିନ୍ଦୋଳ, ୧୬।୮ (ଡି.ଏନ୍.ଏ.): ହିନ୍ଦୋଳ ଥାନା ସାତମାଇଲ ଛକରେ ମଙ୍ଗଳବାର କଣ୍ଟାପାଳ ଗ୍ରାମର ମମତା ବେହେରା, ତାଙ୍କ ୧୭ ବର୍ଷୀୟା ଝିଅ ଏବଂ ଶ୍ୱଶୁର ରାଜ ବେହେରାଙ୍କୁ ମଙ୍ଗଳପୁର ଗ୍ରାମର ହୋମଗାର୍ଡ ବାଦଲ ଗଡ଼ନାୟକ ଏବଂ ତାଙ୍କ ସମ୍ପର୍କୀୟ ବୀରେନ ଗଡ଼ନାୟକ ନିସ୍ତୁକ ପିଟିଥିବା ଅଭିଯୋଗ ହୋଇଛି। ମମତାଙ୍କ ସ୍ୱାମୀ ଧୋବେଇ ବେହେରାଙ୍କୁ ସମ୍ପୃକ୍ତ ୨ଜଣ ମାରପିଟ କରୁଥିଲେ। ସୂଚନା ପାଇ ମମତା, ତାଙ୍କ ଝିଅ ଏବଂ ଶ୍ୱଶୁର ପହଞ୍ଚିଥିଲେ। ସେତେବେଳକୁ ଦୁଇ ହୋମଗାର୍ଡ ଧୋବେଇଙ୍କ ଅଟୋରିକ୍ସାକୁ ଭାଙ୍ଗୁଥିଲେ। ମମତା ପ୍ରତିବାଦ କରିବାରୁ ଦୁହେଁ ସେମାନଙ୍କୁ ଆକ୍ରମଣ କରିଥିଲେ। ବଜାର ଲୋକେ ପହଞ୍ଚିବାରୁ ଦୁଇ ଅଭିଯୁକ୍ତ ଖସି ପଳାଇଥିଲେ।

## ଗମ୍ଭୀର ହେଉଛି ବନ୍ୟା ସ୍ଥିତି

# ଆଠମଲ୍ଲିକରେ ୫୦ ହଜାର ଲୋକ ପ୍ରଭାବିତ

ଆଠମଲ୍ଲିକ, ୧୬।୮ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକରେ ବନ୍ୟା ସ୍ଥିତି ଗମ୍ଭୀର ହେଉଛି। ବ୍ଲକ ଅଞ୍ଚଳର ୧୩ଟି ପଞ୍ଚାୟତବାସୀ ୩ ଦିନ ହେଲା ମହାନଦୀ ଜଳ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ହୀରାକୁଦରୁ ଅଧିକ ପାଣି ଛଡ଼ାଯାଉଥିବାରୁ ସେମାନେ ଆତଙ୍କିତ ହୋଇପଡ଼ିଛନ୍ତି। ସେହିପରି ଏନ୍‌ଏସିର ତଳିଆ ଅଞ୍ଚଳକୁ ପାଣି ଲାଗି ଯାଇଥିବାରୁ ହୀରାକୁଦ ପାଣି ପହଞ୍ଚିଲେ ଏଠାରେ ବିପର୍ଯ୍ୟୟ ସୃଷ୍ଟି ହେବାର ଆଶଙ୍କା କରାଯାଉଛି।

ପ୍ରକାଶ ଯେ, ବ୍ଲକର ଜାମୁଡୋଲୀ, ଲୁହାସିଙ୍ଗା, ଅଏଡା ପଞ୍ଚାୟତର ଲୋକେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ କନ୍ଧପଡ଼ା ପଞ୍ଚାୟତର ବେଳାଦୁଲା, ଫକୀରପୁର, ବାସୁଦେବପୁର ପଞ୍ଚାୟତର ଭୋଇପଡା, ବୁରଘାଟ, ଘୋଡାଗାଡି, କିଆକଟା ପଞ୍ଚାୟତର ହେଲେଇ, କମ୍ପଳା ପଞ୍ଚାୟତର ବେଳପୁଞ୍ଜି, ଛେପେରା, ଲୁଣହାଣ୍ଡି ପଞ୍ଚାୟତର ରାସୁସିଙ୍ଗା, ଜହ୍ନିମୁଣ୍ଡା, ଟାଇଁସର, ଲୁଣହାଣ୍ଡି, ତେଲିନାଲି, କୁଦଗାଁ ପଞ୍ଚାୟତର ଖଡରାପଡା, କଣ୍ଟପଡା, ହିଁସେଇ, ପୁରୁଣାମାଣତ୍ରୀ ପଞ୍ଚାୟତର ଓଡ଼ସିଙ୍ଗା, ନୂଆମାଣତ୍ରୀ, ପୁରୁଣାମାଣତ୍ରୀ, ମାଳିପଦର, ନୂଆଭୂଇଁ, ଚିଲଖଣ୍ଡି, ନଅଗାଁ ପଞ୍ଚାୟତର ଲିପିଲୋଇ, ହରିଡ଼ାକୋଠା, ସାତବନ୍ଧୁଲି, କୁଟେଶ୍ୱର ଗ୍ରାମର ସମସ୍ତ ଚାଷ ଜମି ୩ ଦିନ ହେଲା ବନ୍ୟାପାଣିରେ ବୁଡି ରହିଛି। ସେହିପରି ବିଜ୍ଞାପିତ ଅଞ୍ଚଳ ପରିଷଦର ମହାନଦୀ ପାର୍ଶ୍ୱରେ ଥିବା ସମସ୍ତ ଚାଷ ଜମିରେ ବନ୍ୟା


ଆଠମଲ୍ଲିକ ବ୍ଲକର ଏକ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇଥିବା ପ୍ରଶାସନିକ ଅଧିକାରୀମାନେ।

ପାଣି ମାଡି ନଦୀର ଭ୍ରମ ସୃଷ୍ଟି କରିଛି। ପୁରୁଣାମାଣତ୍ରୀ ପଞ୍ଚାୟତ ଓଡ଼ସିଙ୍ଗା ଗ୍ରାମରେ ଥିବା ପ୍ରସିଦ୍ଧ ଶୈବପୀଠ ଦେଉଳଝରି ଓ ନିକଟରେ ଥିବା ପାର୍ଶ୍ୱ ମନ୍ଦିର ଭିତରେ ବନ୍ୟାପାଣି ପଶିଯାଇଛି। ଅଏଡା ରାଜସ୍ୱ ନିରୀକ୍ଷକ ଅମରନାଥ ଦେହୁରୀଙ୍କ ସୂଚନା ଅନୁଯାୟୀ, ଅଏଡା, ଲୁହାସିଙ୍ଗା, ଜାମୁଡୋଲୀ ପଞ୍ଚାୟତରେ ୧୫ଟି କଚ୍ଚା ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ବନ୍ୟା ଜଳ ବଢୁଥିବାରୁ ୩ ଦିନ ହେଲା ପୌର ପ୍ରଶାସନ ସଜାଗ ରହିଛି, ପୌରାଞ୍ଚଳର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିଲେ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଏନଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରକାଶ କରିଛନ୍ତି। ଜାମୁଡୋଲୀ ପଞ୍ଚାୟତର କୁତୁଲସିଙ୍ଗା ଗ୍ରାମ ନିକଟସ୍ଥ ଚଣାଗଡି ନାଳ ପୋଲ ଉପରେ ତିନିଦିନ ହେଲା ୮/୧୦ଫୁଟ ପାଣି ପ୍ରବାହିତ ହେଉଥିବା ବେଳେ କୁତୁଲସିଙ୍ଗା ଓ କରଡ଼ା ସିଂ ସ୍କୁଲ ପର୍ଯ୍ୟନ୍ତ ହାରାହାରି ଏକ କିଲୋମିଟର ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିବା ସରପଞ୍ଚ ସୁଦର୍ଶନ ଗାଇଗାରିଆ ସୂଚନା ଦେଇଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା ଆଠମଲ୍ଲିକ ବନ୍ୟାଞ୍ଚଳ ପରିଦର୍ଶନରେ ଆସି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ଫେରିଯାଇଛନ୍ତି। କୁଦଗାଁ ପଞ୍ଚାୟତର କୁଦଗାଁ ଗ୍ରାମରୁ ୧୫୯ଜଣଙ୍କୁ ଅସ୍ଥାୟୀ ଶିବରକୁ ସ୍ଥାନାନ୍ତରିତ କରାଯାଇଛି। ପଞ୍ଚାୟତ ତରଫରୁ ଅସ୍ଥାୟୀ ଶିବିରରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ସରପଞ୍ଚ ସିଦ୍ଧାର୍ଥ ଖେଟୀ ପ୍ରକାଶ କରିଛନ୍ତି। ୧୪ ତାରିଖରୁ ତିନିଦିନ ହେଲା ବନ୍ୟା ପରିସ୍ଥିତି ସମାନ ସ୍ଥିତିରେ ରହିଥିବା ବେଳେ ହୀରାକୁଦ ଡ୍ୟାମରୁ ଅଧିକ ଜଳ ନିଷ୍କାସିତ ହେଲେ ବନ୍ୟା ପରିସ୍ଥିତି ଆହୁରି ଉଦବେଗ ଜନକ ହେବାର ଆଶଙ୍କା ରହିଛି।

### ସାତକୋଶିଆକୁ ପର୍ଯ୍ୟଟକ ମନା

ଅନୁଗୋଳ ଅଫିସ, ୧୬।୮

ଅନୁଗୋଳ ଜିଲାର ଅନୁଗୋଳ ଓ ଆଠମଲ୍ଲିକ ବ୍ଲକରେ ବନ୍ୟାଜଳ ପ୍ରବେଶ ଯୋଗୁ ଅନେକ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି। ଟିକରପଡାବାସୀ ଜଳବନ୍ଦୀ ହୋଇ ରହିଛନ୍ତି। ତେବେ ଧନଜୀବନ ଯେପରି ନଷ୍ଟ ହେବ ନାହିଁ ସେଥିପାଇଁ ଜିଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ବହୁ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ଅଣାଯାଇଛି। ତେବେ ବନ୍ୟାଜଳ ବଢୁଥିବାରୁ ମଙ୍ଗଳବାରଠାରୁ ସାତକୋଶିଆକୁ ପର୍ଯ୍ୟଟକଙ୍କୁ ଛଡାଯିବ ନାହିଁ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅନୁଗୋଳ ବ୍ଲକର ୧୪ଟି ଗାଁ ପ୍ରଭାବିତ ହୋଇଥିବାବେଳେ ୫ଟି ଗାଁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଆହୁରି ୮ଶହ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ। ମଙ୍ଗଳବାର ଏନ୍‌ଡିଆର୍‌ଏଫ ଟିମ୍ ବନ୍ୟାଞ୍ଚଳରେ ପହଞ୍ଚିଛି। ଅଗ୍ନିଶମ ବିଭାଗ, ତହସିଲଦାରଙ୍କ ବୋଟ୍‌କୁ ସଜାଗ ରଖାଯାଇଛି। ଏଥିସହିତ ବନ ବିଭାଗ କର୍ମଚାରୀଙ୍କ ସହଯୋଗ ଆବଶ୍ୟକ ସ୍ଥଳେ ନିଆଯାଉଥିବା ସୂଚନା ପ୍ରଦାନ କରାଯାଇଛି।

### ଦୁର୍ଦ୍ଦଶାରେ ୧୨ ହଜାରରୁ ଊର୍ଦ୍ଧ୍ୱ ପରିବାର



ମହାନଦୀ ବନ୍ୟାରେ ଆଠମଲ୍ଲିକର ୧୨ ହଜାରରୁ ଊର୍ଦ୍ଧ୍ୱ ପରିବାରର ୫୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଥିସହିତ ୪ ହଜାର ଏକରରୁ ଊର୍ଦ୍ଧ୍ୱ ଚାଷଜମି ବନ୍ୟାରେ ବୁଡ଼ିଯାଇଛି।

- ସୋଫିଁ ସାଇନିକା, ତହସିଲଦାର, ଆଠମଲ୍ଲିକ

### ୪୭୧୦ ଏକର ଜଳ ପ୍ଳାବିତ



ଆଠମଲ୍ଲିକ ବ୍ଲକର ୪୭୧୦ ଏକର ଚାଷ ଜମି ବନ୍ୟା ଜଳରେ ବୁଡ଼ି ରହିଛି। ଫଳରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନା ବଢ଼ିଯାଇଛି। ତେବେ ବନ୍ୟା ପାଣି ଛାଡିଲେ କ୍ଷୟକ୍ଷତିର ଆକଳନ କରାଯିବ।

- ରାଜେନ୍ଦ୍ର କୁମାର ଦାସ, ସହକାରୀ କୃଷି ଅଧିକାରୀ

### ପ୍ରଶାସନ ପ୍ରସ୍ତୁତ ରହିଛି



ହୀରାକୁଦରୁ ଅଧିକ ପାଣି ଆସୁଥିବାରୁ ଆଠମଲ୍ଲିକରେ ବନ୍ୟା ପରିସ୍ଥିତି ବଢ଼ିବାର ଆଶଙ୍କା ରହିଛି। ଏହାକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ଉଦ୍ଧାର , ରିଲିଫ ପ୍ରଦାନ କାର୍ଯ୍ୟ ଜାରି ରହିଥିବା ବେଳେ ବୋଟ୍ ପ୍ରସ୍ତୁତ ରଖାଯାଇଛି।

- ତରଣୀ ସୁନା, ଉପଜିଲାପାଳ, ଆଠମଲ୍ଲିକ

## ବନ୍ୟା ବିପନ୍ନଙ୍କୁ ସହାୟତା ବଣ୍ଟନ


ବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯାଉଛି।

ବଇଣ୍ଡା, ୧୬।୮ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକର ବନ୍ୟାଞ୍ଚଳରେ ସୋମବାର କୁଦଗାଁ ଗ୍ରାମରେ ସକ୍ଷମ ପରିବାର ଟ୍ରଷ୍ଟ ଓ ଅଏଡ଼ା ବିକାଶ ପରିଷଦ ପକ୍ଷରୁ ବିପନ୍ନଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ, ପ୍ରକାଶ ଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ବେହେରା, ଯୋଗୀନ୍ଦ୍ର ନାୟକ, ସୁବ୍ରତ ବାରିକ, ଭଜମନ ବାରିକ, ସୁମନ୍ତ ଭୁକ୍ତା, ଦୁଷ୍ମନ୍ତ ବାରିକ, ବିଦ୍ୟାଧର ପ୍ରଧାନ ପ୍ରମୁଖ ବନ୍ୟା ଅଞ୍ଚଳକୁ ଯାଇ ସହାୟତା ବଣ୍ଟନ କରିଥିଲେ। ଏଥିସହ ସେମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ସାଧାରଣରେ ଦାବି କରାଯାଇଥିଲା।

## ଲୁଟି ନେଲେ ଅଢ଼େଇ ଲକ୍ଷର ସମ୍ପତ୍ତି

ପରଜଙ୍ଗ, ୧୬।୮ (ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ସରବେରେଣୀ ଗାଁ ଗଙ୍ଗାଗୋଠରେ ରହୁଥିବା ସୌଭାଗ୍ୟ କୁମାର ପଣ୍ଡାଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ତାଡ଼ି ଆଲମିରାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସମେତ ନଗଦ ୪୦ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୌଭାଗ୍ୟ ଏବଂ ତାଙ୍କ ସ୍ତ୍ରୀ ଖାଇସାରି ଶୋଇବା ପରେ ଚୋରମାନେ ଘରେ କଳାକନା ବୁଲାଇଥିଲେ। ସୂଚନାଯୋଗ୍ୟ, ପରଜଙ୍ଗ ଅଞ୍ଚଳରେ କିଛିଦିନ ହେଲା ସିନ୍ଧିଚୋର ମାତିଛନ୍ତି। ରାତି ଅଧରେ କୌଶଳକ୍ରମେ ଘରେ ପଶି ମୂଲ୍ୟବାନ ସାମଗ୍ରୀ ନେଇଯାଉଛନ୍ତି। ତେଣୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ବୃଦ୍ଧି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାଲ୍‌କୋରେ ସ୍ୱାଧୀନତା ମହୋତ୍ସବ

ବଅଁରପାଳ, ୧୬।୮ (ଡି.ଏନ.ଏ.)

ଆଜାଦୀ କା ଅମୃତ ମହୋତ୍ସବ, ହର ଘର୍ ତ୍ରିରଙ୍ଗା ଓ ୭୬ ତମ ସ୍ୱାଧୀନତା ମହୋତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ନାଲ୍‌କୋ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସର ନାଲକୋନଗର ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଜିଜିଏମ୍ (ଏଚ୍‌ଆଣ୍ଡଏ-ଏସ୍‌ଆଣ୍ଡପି) ସତ୍ୟାନନ୍ଦ ସାହୁ ଓ ଅନ୍ୟ ଜିଜିଏମ୍ ଏସ୍.ଏମ୍. ଅଲ୍ଲୀ, ପି.କେ. ବିଶ୍ୱାସ, ଅଶୋକ ଦାସ, ଏମ୍.କେ. ଆଚାର୍ଯ୍ୟ, ତପନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ସମୟରେ ନାଲ୍‌କୋର ଉତ୍ପାଦନ, ଉତ୍ପାଦକତା ଓ ଆର୍ଥିକ ସଫଳତା ସମ୍ବନ୍ଧରେ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ନାଲ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ରାଜାରାମ ମିଶ୍ର ଅଭିଭାଷଣ ପାଠ କରିଥିଲେ। ସିଆଇଏସ୍‌ଏଫ୍ ଓ କ୍ୟେଏସ୍‌ଏସ୍‌ଏ ସିକ୍ୟୁରିଟି ଏଜେନ୍ସି ପରେଡ୍ ପ୍ରଦର୍ଶନ କରିଥିଲେ। ମଣିରଞ୍ଜନ ପଟ୍ଟନାୟକ ଉତ୍ସବ ପରିଚାଳନା ଓ କେ.କେ. ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ନେପୁ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭପତି ମାଙ୍ଗିଲାଲ ସାମଲ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ବୈରାଗୀ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନେସ୍ କାର୍ଯ୍ୟାଳୟରେ ସଭାପତି ପ୍ରଫୁଲ୍ଲ ସାହୁ ପତାକା, ଏନ୍‌କେଏସ୍ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ, ଏସିଏସ୍‌ଟି ଆସୋସିଏଶନରେ ସଭାପତି କେଦାର ଦେହୁରୀ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନରେ ଉପଦେଷ୍ଟା ସନ୍ତୋଷ ରାଉତ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ବିଭବ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ଏନ୍‌ଇୟୁ କାର୍ଯ୍ୟାଳୟରେ ବସନ୍ତ ସେନାପତି ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ରତ୍ନାକର ପରିଡ଼ା ପରିଚାଳନା କରିଥିଲେ।


ନାଲ୍‌କୋ ପତାକା ଉତ୍ତୋଳନ ବେଳେ ବରିଷ୍ଠ ଅଧିକାରୀମାନେ।

## ଉଲ୍ଲେଖନୀୟ କୃତି ପାଇଁ ସମ୍ମାନ


ଉପଜିଲାପାଳ ଅଭିବାଦନ ଗ୍ରହଣ କରୁଛନ୍ତି।

ହିନ୍ଦୋଳ, ୧୬।୮ (ଡି.ଏନ୍.ଏ.)

ହିନ୍ଦୋଳ ସଦର ମିନି ଷ୍ଟାଡିୟମ୍‌ରେ ସୋମବାର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ନିରାଡମ୍ବରରେ ପାଳିତ ହୋଇଯାଇଛି। ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ସକାଳେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସଫଳ ଚାଷୀ ପ୍ରଭାସିନୀ ନାଥ, କିକ୍ ବକ୍ସିଂ ଖେଳାଳି ମନୀଷା ବେହେରା, ଶୁଚିସ୍ମିତା ଅମାନ୍ତ, ଅଙ୍ଗନୱାଡି କର୍ମୀ ଅନୁପମା ପୃଷ୍ଟି, ମୃଦଙ୍ଗବାଦକ କୁଶ ସାମଲ, ବ୍ଲକ ମାଟ୍ରିକ ଟପ୍ପର ସ୍ଥିତିପ୍ରଜ୍ଞା ମହାରଣା, ଆୟୁଷ ଡାକ୍ତର ବିଜୟ କୁମାର ସାହୁ ଏବଂ ଅଗ୍ନିଶମ ଅଧିକାରୀ ସଦାଶିବ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ପତାକା ଉତ୍ତୋଳନ, ନଗର ପରିକ୍ରମା

ବଇଣ୍ଡା/କଣିହା/ଛେଣ୍ଡିପଦା, ୧୬।୮ (ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ, କଦଳୀମୁଣ୍ଡା ସ୍କୁଲ, ନୁନୁକାପଶି ପଞ୍ଚାୟତ, ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ଆଦିରେ ସରପଞ୍ଚ ଦୀପ୍ତିମୟୀ ସାହୁ ପତାକା ଉତ୍ତୋଳନ କରିଥିଲେ। ବଇଣ୍ଡା ନେହେରୁ ଆଥଲେଟିକ କ୍ଲବରେ ଜଳଧର ସାହୁ, ବଇଣ୍ଡା ବସ୍‌ଷ୍ଟାଣ୍ଡରେ ପ୍ରବୀଣ ସାହୁ, ଜନତା ମହାବିଦ୍ୟାଳୟରେ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଶିଶୁ ମନ୍ଦିରରେ ସନାତନ ସାହୁ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ମଣ୍ଡଳ ଓ ପବିତ୍ର ନଗର ମଣ୍ଡଳ ଭାଜପା ପକ୍ଷରୁ ଗହମ ଗ୍ରାମରୁ ଏକ୍ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଗହମ, ପରାବିଲ, ଆର୍କିଳି, ସୁସୁବା, ଗଣ୍ଡମାଳା ଗ୍ରାମର ସଂଗ୍ରାମୀ ପରିବାରକୁ ମୁଖ୍ୟ ଅତିଥି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅଶୋକ ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ। ୭୫ ମିଟର ବିଶାଳ ତ୍ରିରଙ୍ଗା ଧରି ପଦଯାତ୍ରା କରିଥିଲେ। ସେହିପରି ରେଙ୍ଗାଳି ମଣ୍ଡଳ ପକ୍ଷରୁ ପଦଯାତ୍ରା କରାଯାଇଥିଲା। ମଣ୍ଡଳ ସଭପତି ପ୍ରହ୍ଲାଦ ସାମଲ, ତ୍ରିପୁରାରି ପ୍ରଧାନ, ଜିଲା ଉପସଭାପତି ନୃସିଂହ ବରାଳ, ସୁମନ୍ତ ପ୍ରଧାନ ଧ୍ରୁବ ଧିର, ବସନ୍ତ ମଞ୍ଜରି ପ୍ରଧାନ, ମମାଲି ସାମଲ, ମୀନା ସାମଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଧାୟକ ସୁଶାନ୍ତ କୁମାର ବେହେରା ପତାକା ଉତ୍ତୋଳନ କରିଥିଲେ। ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ଏହାପରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ କୋଶଳା, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଇଥିବା ୩ଟି ଆମ୍ବୁଲାନ୍ସର ଉଦ୍‌ଘାଟନ କରାଯାଇଥିଲା। କୋଶଳା ଉଚ୍ଚ ବିଦ୍ୟାଳୟରେ ପତାକା ଉତ୍ତୋଳନ କରିବା ସହିତ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଟାଙ୍ଗିର ପଞ୍ଚାୟତରେ ସରପଞ୍ଚ ଅମରେଶ ନାଥ, ତେଣ୍ଟୁଲୋଇ କୋଡାସାହି ପଞ୍ଚାୟତରେ ସରପଞ୍ଚ ପ୍ରିୟଙ୍କା ସାହୁ ପତାକା ଉତ୍ତୋଳନ କରିଥିଲେ।


କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ନଗର ପରିକ୍ରମା କରାଯାଉଛି।


କଣିହାଁ ବ୍ଲକ ଅଞ୍ଚଳରେ ୭୫ ମିଟର ବିଶାଳ ତ୍ରିରଙ୍ଗା ପଦଯାତ୍ରା।


୩ଟି ଆମ୍ବୁଲାନ୍ସକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ୩୮ ଅଭିଯୋଗର ଶୁଣାଣି

**ଅନୁଗୋଳ ଅଫିସ,୧୬।୮:** ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୩୮ଟି ଅଭିଯୋଗରୁ ୩୬ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ବିସ୍ଥାପିତ ପରିବାରଙ୍କ ସମସ୍ୟା, ପାନୀୟ ଜଳ, ଚିକିତ୍ସା ଓ ଜମି ଅଧିଗ୍ରହଣ ସମ୍ପର୍କରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ଚୋରା କେନ୍ଦୁପତ୍ର ଜବତ

**ଛେଣ୍ଡିପଦା,୧୬।୮(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା ପତିତପାବନ ମାହବିଦ୍ୟାଳୟ ସମ୍ମୁଖରୁ ପୋଲିସ ୫ଟନ୍ ଚୋରା କେନ୍ଦୁପତ୍ର ବୋଝେଇ ଏକ କଣ୍ଟେନରକୁ ଜବତ କରିବା ସହିତ ଚାଳକ ଉତ୍ତରପ୍ରଦେଶର ଆଶିଷ ଯାଦବଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଚୋରା କେନ୍ଦୁପତ୍ର ବୋଝେଇ ଗାଡି ଆସୁଥିବା ଖବର ମିଳିଥିଲା। ଗାଡିର ପିଛାକରି ତାହାକୁ ରୋକାଯିବା ସହ ତାହାକୁ ଜବତ କରାଯାଇଥିଲା। ଉକ୍ତ କେନ୍ଦୁପତ୍ର ରେଢାଖୋଲରୁ କୋଲକାତା ଯାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଜରପଡା ଥାନାରେ ନଂ ୨୭୨/୨୨ରେ ମାମଲା ରୁଜୁ କରାଯାଇଛି।

### ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଶ୍ରମିକ ମୃତ

**ମାଧପୁର,୧୬।୮:** ଆଠମଲ୍ଲିକ ଥାନା କମ୍ପଲା ପଞ୍ଚାୟତ ଦୁଡୁମ୍ ଗ୍ରାମରେ ବୁଧବାର ଅଘଟଣ ଘଟିଛି। ଧାନ ଆଣିବାକୁ ଡୁଡୁମ୍ ଗ୍ରାମକୁ ଯାଇଥିବା ଏକ ଟ୍ରକ୍ ଧକ୍କାରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଯିବାରୁ ଶ୍ରମିକ ବରଗାଁ ଗ୍ରାମର ରବି ମହାକୁଡଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ଖବରପାଇ ଆଠମଲ୍ଲିକ ଥାନା ସବ୍ ଇନ୍ସପେକ୍ଟର ଚଞ୍ଚଳା ନାୟକ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛନ୍ତି।

### କୃଷକ ସଙ୍ଗଠନ ପକ୍ଷରୁ ଚାଷୀ ସମାବେଶ

**ପାଲଲହଡା, ୧୬।୮ (ଡି.ଏନ.ଏ.):** ପାଲଲହଡା ବ୍ଲକ ଝିମିରିପାଲି ଗ୍ରାମଠାରେ ପାଲଲହଡା କୃଷକ ସଙ୍ଗଠନ ପକ୍ଷରୁ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ପାଲଲହଡା, ବର୍ହାକୁଦର, ଝିମିରିପାଲି, ସିଡିଙ୍ଗ ଆଦି ଗ୍ରାମର ଶତାଧିକ ଚାଷୀ ଝିମିରିପାଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପଡିଆଠାରେ ଏକତ୍ରିତ ହୋଇ ଚାଷୀମାନଙ୍କ ଦୁରାବସ୍ଥା ବିଷୟରେ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ। କାଞ୍ଜିଆ ହୁଦା ପ୍ରତିଷ୍ଠା, କେନାଲ ପାଣିର ସୁବ୍ୟବସ୍ଥା କରିବା, ସାର ବଣ୍ଟନ ଓ ଉଚିତ ମୂଲ୍ୟରେ ବିକ୍ରି ପାଇଁ କୃଷକମାନେ ଦାବି କରିଥିଲେ। ବିଧାୟକ ପାଲ ଚାଷୀଭାଇମାନଙ୍କ ଦାବିଗୁଡିକ ଯାଥାର୍ଥ ବୋଲି କହିବା ସହିତ ପ୍ରଶାସନ ସହିତ ଆଲୋଚନା କରି ସମାଧାନ କରିବାକୁ କହିଥିଲେ। ସଙ୍ଗଠନର ସଭାପତି ବିଷ୍ଣୁ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ଅଧକ୍ଷ ରାମଚନ୍ଦ୍ର ଦେହୁରୀ, ସମ୍ପାଦକ କିଶୋର ସାମଲ ପ୍ରମୁଖ ମଞ୍ଚାସୀନ ରହି ଚାଷୀମାନଙ୍କ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**ଛେଣ୍ଡିପଦା,୧୬।୮(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ତେବୁଡ ଗ୍ରାମର ନାଥ ବିଶ୍ୱାଳ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ନାଥ ବଳଦ ଘରକୁ ଆଣୁଥିବା ବେଳେ କୂଅରେ ଲାଗିଥିବା ପାଣିପମ୍ପର ମୁକୁଳା ତାର ସଂସ୍ପର୍ଶରେ ଆସିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଗାନ୍ଧୀଙ୍କ ପଦଯାତ୍ରା ଅନୁଗୋଳକୁ ଧନ୍ୟ କରିଛି

**ଅନୁଗୋଳ ଅଫିସ,୧୬।୮**

ଅନୁଗୋଳ ଜିଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା ଅନୁଗୋଳ ମାଟିର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମନ୍ତ୍ରୀ କହିଥିଲେ, ଜାତିର ଜନକ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପଣ୍ଡିତ ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମେତ ଓଡ଼ିଶାର ଅଦ୍ୱିତୀୟ ଜନନାୟକ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଡ. ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ ଓ ମାଳତୀ ଚୌଧୁରୀ ପ୍ରମୁଖଙ୍କ ନିଃସ୍ୱାର୍ଥପର ସଂଗ୍ରାମ ଓ ତ୍ୟାଗ ପରାଧନତାର ଶୃଙ୍ଖଳରୁ ଆମ ଦେଶକୁ ମୁକ୍ତ କରିଛି। ଅନୁଗୋଳର ସତ୍ୟାଗ୍ରହୀ ରତ୍ନାକର ନାୟକ, ରସାନନ୍ଦ ବେହେରା, ହୃଷୀକେଷ ପ୍ରଧାନ ପ୍ରମୁଖ ଲବଣ ସତ୍ୟାଗ୍ରହରେ କାରାବରଣ କରିଥିଲେ। ୧୯୩୪ ମସିହାରେ ମହାତ୍ମା ଗାନ୍ଧୀଙ୍କ ଅନୁଗୋଳରେ ପଦଯାତ୍ରା ଏ ମାଟିକୁ ଧନ୍ୟ କରିଛି। ବିଶିଷ୍ଟ ଜନନାୟକ ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ, ହୃଷୀକେଷ ତ୍ରିପାଠୀ, ଅଦ୍ୱୈତ ପ୍ରସାଦ ସିଂହ, ସୋମନାଥ ସିଂ ଜଗଦେବ, ସାରଙ୍ଗଧର ଦାସଙ୍କ ସମେତ କବି ରାଧାମୋହନ ଗଡନାୟକଙ୍କ ସ୍ମୃତିଚାରଣ କରିଥିଲେ। ମହାନ୍ ସର୍ବୋଦୟ ନେତା, ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ଅନୁଗୋଳକୁ ନିଜର କର୍ମଭୂମୀ ଭାବରେ ଆଦରି ନେଇ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି। ବିଶିଷ୍ଟ ଜନନାୟକ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ସଙ୍ଗଠିତ ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ଗଡଜାତ ମିଶ୍ରଣରେ ଅନୁଗୋଳବାସୀଙ୍କ ସକ୍ରିୟ ସହଯୋଗ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଜୈବ ବିବିଧତା ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନୁଗୋଳ ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ହୋମଗାର୍ଡ ତରଫରୁ ଏକ ପ୍ଲାଟୁନ୍, ଜିଲା ପୋଲିସ ତରଫରୁ ଗୋଟିଏ ପ୍ଲାଟୁନ ଓ ଗୋଟିଏ ବ୍ୟାଣ୍ଡ ପାର୍ଟି ପରେଡ୍‌ରେ ଭାଗ ନେଇଥିଲେ। ପରେ ମନ୍ତ୍ରୀ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ସିବିଏସ୍‌ଇ ଓ ଆଇସିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖୁଥିବା


କୃତୀ ଛାତ୍ରୀଙ୍କୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି। ନିକଟରେ ଜିଲାପାଳ ଓ ଏସ୍‌ପି ଉପସ୍ଥିତ ଅଛନ୍ତି।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

ଛାତ୍ରୀଛାତ୍ରମାନଙ୍କୁ ଜିଲା ପ୍ରଶାସନ ଓ ପତଞ୍ଜଳି ଯୋଗ ସମିତି ତରଫରୁ ପୁରସ୍କୃତ କରାଯାଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଓ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସନ୍ତୋଷ କୁମାର ପ୍ରଧାନ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଉପଜିଲାପାଳ ବାଇତୁରା ଦୀପ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସୁଶାନ୍ତ କୁମାର ସାହୁ ରିଜର୍ଭ ଇନ୍ସପେକ୍ଟର ପୋଲିସ ପ୍ଲାଟୁନ ଓ ବ୍ୟାଣ୍ଡପାର୍ଟିର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀମାନେ ଆବଶ୍ୟକ ସହଯୋଗ କରିଥିଲେ। ସେହିପରି ଜିଲା କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଜିଲା କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଦିବସ


କଂଗ୍ରେସ ଭବନରେ ପତାକା ଉତ୍ତୋଳନ କରାଯାଉଛି।

**ଅନୁଗୋଳ ଅଫିସ, ୧୬।୮**

ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ବିପ୍ଳବ ଜେନା ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମରେ ଜାତୀୟ କଂଗ୍ରେସର ଭୂମିକା ଓ ଦେଶବାସୀଙ୍କ ଦେଶପ୍ରୀତିକୁ ଭୂୟସୀ ପ୍ରଶଂସା କରିଥିଲେ। ସ୍ୱାଧୀନତାର ଗୌରବ ଯାତ୍ରା ଜିଲାର ବିଭିନ୍ନ ଅଞ୍ଚଳରେ ଯେଭଳି ଉତ୍ସାହର ସହିତ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ପାଳନ କଲେ, ତାହା ନିଶ୍ଚିତ ଉଦାହରଣ ହେବ। ସେଥିପାଇଁ ସମସ୍ତ କଂଗ୍ରେସ କର୍ମୀ ଓ ପ୍ରେମୀ ତଥା ଜିଲାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କର୍ମକର୍ତ୍ତା, ସମସ୍ତ ସେଲ ଅଧକ୍ଷ, ସମସ୍ତ ବ୍ଲକ କଂଗ୍ରେସ ସଭାପତି, ସମସ୍ତ ଛାମୁଆ ସଙ୍ଗଠନର ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଆନ୍ଦୋଳନରୁ ଓହରିଲା ଓକିଲ ସଂଘ


ଆନ୍ଦୋଳନସ୍ଥଳରେ ବିଧାୟକ ପହଞ୍ଚି ବୁଝାଶୁଝା କରୁଛନ୍ତି।

**ଛେଣ୍ଡିପଦା,୧୬।୮(ସ୍ୱ.ପ୍ର.)**

ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୨୨ ଦିନରେ ପହଞ୍ଚିଥିବା ଓକିଲ ସଂଘର ଆନ୍ଦୋଳନ ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ ପ୍ରମୁଖ ଧାରଣାରତ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସଂଘର ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୧୬।୮(ସ୍ୱ.ପ୍ର.)**

ଛେଣ୍ଡିପଦା–ଅନୁଗୋଳ ୬୩ନଂ. ରାଜ୍ୟରାଜପଥର ଗଉଡୁଣୀ ନାଳ ପୋଲ ନିକଟରେ ମଙ୍ଗଳବାର ଏକ ମୋଟରସାଇକେଲ ଓ ଟାଟା ଏସିଇ ମଧ୍ୟରେ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକ ଛେଣ୍ଡିପଦା ଥାନା ଅଞ୍ଚଳର ପିନୁ ନାୟକ ଓ ଟାଟାଏସିଇ ଚାଳକ କୁଲେଇଗୋଳା ଥାନା ତିଳେଇପଶି ଗ୍ରାମର ଜିତେନ୍ଦ୍ର ବେହେରା ଗୁରୁତର ହୋଇଛନ୍ତି। ଖବରପାଇ ଅଗ୍ନିଶମ ବାହିନୀ ଓ ସାମାଜିକ କର୍ମୀ ନଗେନ ନନ୍ଦ ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଛେଣ୍ଡିପଦା ପୋଲିସ ଗାଡି ଦୁଇଟିକୁ ଜବତ କରିବା ସହ ଘଟଣାର ଛାନଭିନ ଚଳାଇଛି।

## ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଆନ୍ଦୋଳନ


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

**ବଇଣ୍ଡା,୧୬।୮ (ଡି.ଏନ.ଏ.)**

ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ଡାକରା କ୍ରମେ ମଙ୍ଗଳବାର କିଶୋରନଗର ବ୍ଲକର ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକ – ଅଣ ଶିକ୍ଷକ ଓ ବିଭିନ୍ନ ବିଭାଗର କର୍ମଚାରୀ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ କରିଥିଲେ। ଏଥିସହ କିଶୋରନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଆନ୍ଦୋଳନ କରାଯାଇଥିଲା। ବ୍ଲକ ସଭାପତି ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଉତ୍କଳ ସାହୁ, ପ୍ରଦୀପ ନାୟକ, ଗଣେଶ୍ୱର ଜେଠୀ, ବିନୟ ବାରିକ, ସଞ୍ଜୀବ ବିଶ୍ୱାଳ, ନରେଶ କରନ, ବାସୁଦେବ କର୍ମୀ, ଆଦିତ୍ୟ ବାରିକଙ୍କ ସମେତ ଶତାଧିକ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନେ କହିଥିଲେ, ନିୟମିତ କର୍ମଚାରୀଙ୍କ ଭଳି କାର୍ଯ୍ୟ କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ସ୍ଥାୟୀ କରୁନାହାନ୍ତି। ୨୨ ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ। ସମସ୍ୟା ସମାଧାନ ନ ହେଲେ ବଡ ଧରଣ ଆନ୍ଦୋଳନ କରାଯିବ।

## ଟିକରପଡ଼ା ଅଞ୍ଚଳରେ ରିଲିଫ ବଣ୍ଟନ

**ଅନୁଗୋଳ ଅଫିସ,୧୬।୮**

ଅନୁଗୋଳ ବ୍ଲକର ଟିକରପଡା ପଞ୍ଚାୟତର ବନ୍ୟା ପ୍ରଭାବିତଙ୍କୁ ରିଲିଫ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, କୁମୁରିସିଂହା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, କାଉନସିଲର ସୁଶୀଲ ମୁଖୀ, ଜିଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଖେଳାରୀ ସମିତି ସଭ୍ୟ ରାକେଶ ନନ୍ଦ, ସରୋଜ ନାଏକ, ପ୍ରବୀଣ ସାମଲ, କମ୍ପୁ ନାଏକ ଚୁଡ଼ା, ଚିନି, ବିସ୍କୁଲ ଓ କଦଳୀ ଆଦି ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଏଥିସହିତ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ ସନ୍ତୋଷ ପ୍ରଧାନ, ଉପଜିଲାପାଳ ବୈତୁରା ଦୀପ, ତହସିଲଦାର ବିମଳ ଲେଙ୍କାଙ୍କ ସହିତ ମଝିପଡା, ବେହେରା ସାହି ଓ ଗଇଁନ୍ଦୀର ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଆଲୋଚନା କରିଥିଲେ।


ଡଙ୍ଗାରେ ରିଲିଫ ସାମଗ୍ରୀ ନିଆଯାଉଛି।

## ୪ ଶିଶୁ ଶ୍ରମିକ ଉଦ୍ଧାର

**ଅନୁଗୋଳ ଅଫିସ, ୧୬।୮**

ଅନୁଗୋଳ ଜିଲା ନତଡା ଅଞ୍ଚଳରୁ ୪ ଜଣ ନାବାଳକଙ୍କୁ ଚାଇଲ୍ଡ ଲାଇନ୍ ଉଦ୍ଧାର କରିବାରେ ସଫଳ ହୋଇଛି। ଏକ ଠିକାଦାରଙ୍କ ଅଧୀନରେ ରେଳ ବିଭାଗର ରାସ୍ତା କାମରେ କଳାହାଣ୍ଡି ଜିଲାର ଏହି ଶିଶୁ ଶ୍ରମିକମାନେ କାମ କରୁଥିବା ଚାଇଲ୍ଡ ଲାଇନକୁ ଖବର ମିଳିଥିଲା। ଅନୁଗୋଳ ପୋଲିସ ଅଧିକାରୀ ଓ ଚାଇଲ୍ଡ ଲାଇନ ସଦସ୍ୟ ରଶ୍ମିତା ପ୍ରଧାନ ଏବଂ କାଉନସିଲର ଦିଗ୍‌ବିଜୟ ସାହୁ ଚଢ଼ାଉ କରି ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନା କରାଯାଇ ନବଜୀବନ ବାଳ ଆଶ୍ରମକୁ ସ୍ଥାନାନ୍ତର କରାଯାଇଛି।

## ଜିଲାପାଳଙ୍କ ନାମରେ ଫେକ୍ ଆକାଉଣ୍ଟ

**ମେସେଜ୍ କରି ଟଙ୍କା ମାଗୁଛନ୍ତି ମୟୂରଭଞ୍ଜର ଯୁବକ**

**ଅନୁଗୋଳ ଅଫିସ,୧୬।୮**

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲି ଲୋକଙ୍କୁ ଟଙ୍କା ମଗାଯାଉଛି। ଏ ନେଇ ଜିଲାପାଳ ଜାଣିବା ପରେ ଲୋକଙ୍କୁ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। ଏ ନେଇ ଅନୁଗୋଳ ଏସ୍‌ପିଙ୍କୁ ଅବଗତ କରାଯାଇଥିବା ଜିଲାପାଳ ସ୍ୱାଇଁ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଜିଲାପାଳଙ୍କ ଏକ ପୁରୁଣା ଫଟୋ ରଖି ୭୦୦୮୭୭୭୬୮୧ ମୋବାଇଲ ନମ୍ବରରେ ଲୋକଙ୍କ ନିକଟକୁ ଠକ ଜଣଙ୍କ ମେସେଜ୍ କରିଥିଲେ। ଏଭଳି ଘଟଣା ଜିଲାପାଳଙ୍କ ନଜରକୁ ଆସିବା ପରେ ସେ ଏସ୍‌ପିଙ୍କୁ ଅବଗତ କରିବା ସହ ଏପରି ଫେକ୍ ମେସେଜକୁ ବିଶ୍ୱାସକୁ ନ ନେବାକୁ ଜଣାଇଥିଲେ। ଏ ନେଇ ପୋଲିସକୁ ଲିଖିତ ଅଭିଯୋଗ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଠକଙ୍କ ସନ୍ଧାନ ଅନୁଗୋଳ ପୋଲିସ ପାଇଛି। ମୟୂରଭଞ୍ଜର ଜଣେ ଯୁବକ ଠକାମି ମାନସିକତା ରଖି ଏପରି କରିଥିବା ପୋଲିସ ଜାଣିବାକୁ ପାଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଏକମନ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

**ଅନୁଗୋଳ ଅଫିସ,୧୬।୮**

ଅନୁଗୋଳ ମିଶ୍ରପଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମସ୍ତ ଅନୁଗୋଳବାସୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଜନକଲ୍ୟାଣକାରୀ କାର୍ଯ୍ୟରେ ଏକ ମନ ଓ ପ୍ରାଣ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଦିଲୀପ ପ୍ରଧାନ, ଦିଲୀପ ଦାସ, ଯୋଗଗୁରୁ ଅଭୟ ରାୟ, କାଉନସିଲର ସ୍ନେହଲତା ମହାରଣା, ପ୍ରଜ୍ଞା ଦାସ, ସୁଲୋଚନା ଦ୍ୱିବେଦୀ, ସୁଜାତା ପୋଲାର, ମିନତି ନାଏକ, ସରିତା ମିଶ୍ର, ନିରଞ୍ଜନ କର, ରବୀନ୍ଦ୍ର ମହାରଣା, ବାବୁଲି ନାଏକ, ପ୍ରବୀର ଜେନା, ମହମ୍ମଦ ସୋନୁ, ସଇଫୁଲ୍ଲହା, ଏସ.କେ. ମିନାହଜୁଦ୍ଦିନ, ଏମ୍‌ଡି ସବିର, ରାଜେଶ ସେକ୍ସେରିଆ, ଦୁଃଖବନ୍ଧୁ ସାହୁ, ପ୍ରଦୀପ ରାଉତ, ବିରେନ ସାମଲ, ସନ୍ତୋଷ ନାଏକ, ଭୀମସେନ ବେହେରା, ଶିଶିର ମହାପାତ୍ର,, କାଲା ଖାନ, ସଞ୍ଜୀବ କର, ଶିବାଜୀ ଦାଶ, ସମୀର ପରିଡା, ସୀମାଦ୍ରି ସାହୁ, ଚଗୁ ବେହେରା, ସଞ୍ଜୟ ବେହେରାଙ୍କ ସମେତ ଅଭିନେତା ସଞ୍ଜୟ ଭୋଳ ଓ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ଭାଜପା କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଉଛି।

# ହିଂସାଠାରୁ ସମସ୍ତେ ଦୂରେଇ ରୁହନ୍ତୁ

**ବଇଣ୍ଡା/ ଆଠମଲ୍ଲିକ/ ଛେଣ୍ଡିପଦା/ କଣିହାଁ/ ପାଲଲହଡ଼ା, ୧୬।୮ (ଡି.ଏନ.ଏ.)**

ସମସ୍ତେ ହିଂସା ଠାରୁ ଦୂରେଇ ରୁହନ୍ତୁ। ଦେଶ ସେବାରେ ନିଜକୁ ନିୟୋଜିତ କରନ୍ତୁ। କିଶୋରନଗର ସଦର ମହକୁମା ବରପଡିଆଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଏହା କହିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ତହସିଲଦାର ଶାନ୍ତି ସ୍ୱରୂପା ମିଶ୍ର, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସଂଗ୍ରାମ କେଶରୀ ପୃଷ୍ଟି ଓ ଅକ୍ଷୟ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପାଲଲହଡା ଉପଖଣ୍ଡସ୍ତରରେ ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ସୁଶାନ୍ତ କୁମାର ପତି ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର, ମହତାବ ଉଚ୍ଚ ବିଦ୍ୟାଳୟ, ଡିମିରିଆ ଉଚ୍ଚ ବିଦ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଭାରତୀୟ ପ୍ରାଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାଲଲହଡା ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ଅବସରପ୍ରାପ୍ତ ସୈନିକ ଜୟପ୍ରକାଶ ଶୁଣ୍ଡିଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ବିଡିଓ ଦିଲୀପ କୁମାର ବାଡା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଉପଖଣ୍ଡ ପୋଲିସ ଅଧିକାରୀ ସୁମନ ରଞ୍ଜିତା ସିଂ, ଆଇଆଇସି ପରାଓ ଗୁଡୁ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ତରୁଣକାନ୍ତି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଛେଣ୍ଡିପଦାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମିନି ଷ୍ଟାଡିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ସେହିପରି ଆଠମଲ୍ଲିକ ଷ୍ଟାଡିୟମ ଖେଳ ପଡିଆଠାରେ ମୁଖ୍ୟଅତିଥି ଉପଜିଲାପାଳ ତରଣୀ ସୁନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉଲ୍ଲେଖନୀୟ ସଫଳତା ପାଇଁ ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କୁ ସମ୍ମାନିତ କରିଥିଲେ। ଆଠମଲ୍ଲିକ ସାମ୍ବାଦିକ ସଂଘ ପକ୍ଷରୁ କୃତୀ ଛାତ୍ରୀଛାତ୍ର ରେଣବ କୁମାର ଦାସ, ସ୍ଥିତିପ୍ରଜ୍ଞା ଜ୍ୟୋତିଷରାୟ, ସୌମିତ୍ରୀ ସାହୁ, ଯୋଗେଶ୍ୱରୀ ଜ୍ୟୋତିଷରାୟ ଓ ଭାବନୀ ପ୍ରଧାନଙ୍କୁ ମୁଖ୍ୟଅତିଥି ସୁନା ଓ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ବିନୟ କୁମାର ପଟ୍ଟନାୟକ, ଉଦିପ୍ତ ପୁରୋହିତ, ଶ୍ରୀକାନ୍ତ ମିଶ୍ର, ବିଶ୍ୱମ୍ବର ବେହେରା, ସୁବାସ ଶତପଥି ପ୍ରମୁଖ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଚିନ୍ତାମଣି ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ବିନୟ କୁମାର ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେହିପରି କଣିହାଁ ବ୍ଲକ ପ୍ରଶାସନ ପକ୍ଷରୁ ଗାନ୍ଧୀ ସ୍ମୃତି ପୀଠରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପତାପା ଉତ୍ତୋଳନ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବିଡିଓ ନିଶାନ ମିଶ୍ର, ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ନୃସିଂହ ବରାଳ, ସମ୍ପାଦକ ନିର୍ମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଉଛି।

